ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Home (OD)/ 426/19-07-2025

# ଜୁଲାଇ ୨୧ ଓ ୨୨ ରେ ଭୁବନେଶ୍ୱରରେ ହେବ ଜାତୀୟ ମାନବାଧିକାର କମିଶନଙ୍କ ଶିବିର/ ଖୋଲା ଶୁଣାଣି

## ଶୁଣାଣି ହେବ ୧୪୪ ଗୋଟି ମାନବାଧିକାର ମାମଲା

ଭୁବନେଶ୍ୱର, ୧୯/୦୭/୨୦୨୫

ଓଡ଼ିଶାର ପ୍ରମୁଖ ମାନବାଧିକାର ମାମଲାଗୁଡ଼ିକର ସମାଧାନ କରିବା ପାଇଁ ଜୁଲାଇ ୨୧ ଓ ୨୨ ତାରିଖରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରା ଏକ ଦୁଇ ଦିନିଆ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ସ୍ୱତନ୍ତ୍ର ଶିବିରରେ ଅଭିଯୋଗକାରୀ ଓ ପୀଡ଼ିତଙ୍କ ଉପସ୍ଥିତିରେ କମିଶନଙ୍କ ଦୁଇଟି ଖଣ୍ଡପୀଠ ପ୍ରାୟ ୧୪୪ ଗୋଟି ମାମଲାର ଶୁଣାଣି କରିବାର ଆଶା କରାଯାଉଛି ।

କମିଶନର ମାନ୍ୟବର ଅଧ୍ୟକ୍ଷ, ତିନି ଜଣ ସଦସ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଯୋଗ ଦେବେ । ଏହି ଗସ୍ତ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ଉତ୍ତମ ସମନ୍ୱୟ ଏବଂ ମାନବାଧିକାର ଅଭିଯୋଗର ତ୍ୱରିତ ସମାଧାନ ପାଇଁ କମିଶନଙ୍କ ପ୍ରତିବଦ୍ଧତାକୁ ସୂଚାଉଛି । ଏହି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ପ୍ରମୁଖ ମାନବାଧିକାର ପ୍ରସଙ୍ଗ ଉପରେ ଆଲୋଚନା ହେବ । ଠିକଣା ସମୟରେ ଡାକ୍ତରୀ ସହାୟତା ମିଳୁନଥିବାରୁ ସାପ କାମୁଡ଼ା ଜନିତ ମୃତ୍ୟୁ ଏବଂ ଭଦ୍ରକ ଓ କେନ୍ଦ୍ରାପଡ଼ା ପରି ଜିଲ୍ଲାଗୁଡ଼ିକରେ ବାରମ୍ବାର ବନ୍ୟା ବିପ୍ଳାତ ଯୋଗୁଁ ପ୍ରଭାବିତ ଲୋକଙ୍କ ସମସ୍ୟା ସମ୍ପର୍କରେ ମଧ୍ୟ କମିଶନ ସମୀକ୍ଷା କରିବେ ।

ଓଡ଼ିଶାରେ ମାନବାଧିକାରକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ଏହାର ସୁରକ୍ଷା ପାଇଁ ମିଳିତ ପ୍ରୟାସକୁ ସୁଦୃଢ଼ କରିବା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ସହିତ ପାରସ୍ପରିକ ଭାବ ବିନିମୟ ନିମନ୍ତେ ଅଧିବେଶନର ଅନ୍ତିମ ପର୍ଯ୍ୟାୟରେ ମାନବାଧିକାର କର୍ମୀ, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ କମିଶନଙ୍କ ଭାବ ବିନିମୟ କାର୍ଯ୍ୟକ୍ରମ ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ